# NATIONAL NEWS BULLETIN (ODIA)

**3 April- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଥାଇଲାଣ୍ଡକୁ ଦୁଇଦିନିଆ ଗସ୍ତରେ ଯାଇ ବ୍ୟାଙ୍କକଠାରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ ।

- ଷଷ୍ଠ ବିମ୍‌ଷ୍ଟେକ୍ ଶିଖର ସମ୍ମିଳନୀରେ ଯୋଗଦେବେ ଆସନ୍ତାକାଲି ।

- ୱାକ୍‌ଫ୍ ସଂଶୋଧନ ବିଲ୍ ଆଜି ରାଜ୍ୟସଭାରେ ଆଗତ ହେବା ସହ ଏହା ଉପରେ ହେବ ଆଲୋଚନା ।

- ପିପିଏଫ୍ ଆକାଉଣ୍ଟ ପାଇଁ ନୋମିନି ସଂଶୋଧନ ହେଲା ଦେୟମୁକ୍ତ ।

- ପଣବନ୍ଦୀ ମୁକ୍ତ ନହେବା ପର୍ଯ୍ୟନ୍ତ ଗାଜାରେ ସାମରିକ ଅଭିଯାନ ଜାରି ରହିବ ବୋଲି ଘୋଷଣାକଲେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ।

ଏବଂ

- ଆଇପିଏଲ୍ କ୍ରିକେଟରେ ଆଜି କୋଲକାତା ନାଇଟ୍ ରାଇଡର୍ସ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ହେବ ମୁକାବିଲା ।

---

# ପିଏମ୍ ଥାଇଲାଣ୍ଡ ଭିଜିଟ୍

ଷଷ୍ଠ ବିମ୍‌ଷ୍ଟେକ୍ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଥାଇଲାଣ୍ଡର ବ୍ୟାଙ୍କକଠାରେ ପହଞ୍ଚିଛନ୍ତି । ବିମାନବନ୍ଦରରେ ଥାଇଲାଣ୍ଡର ଉପ ପ୍ରଧାନମନ୍ତ୍ରୀ ତଥା ପରିବହନ ମନ୍ତ୍ରୀ ସୂର୍ୟ୍ୟା ଜଙ୍ଗରୁଙ୍ଗରିଆନକିତ୍ ଶ୍ରୀ ମୋଦୀଙ୍କୁ ସ୍ୱାଗତ କରିଥିଲେ । ୨୦୧୬ ଏବଂ ୨୦୧୯ ପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କର ଏହା ହେଉଛି ତୃତୀୟ ଥାଇଲାଣ୍ଡ ଗସ୍ତ । ସେଠାରେ ପହଞ୍ଚିବା ପରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଏହି ଗସ୍ତ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ଏବଂ ଥାଇଲାଣ୍ଡ ସହ ସହଯୋଗର ବନ୍ଧନକୁ ଅଧିକ ସୁଦୃଢ଼ କରିବାକୁ ଆଗ୍ରହୀ ।

ଥାଇଲାଣ୍ଡକୁ ଏହି ଦୁଇଦିନିଆ ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଆଜି ସଂଧ୍ୟାରେ ଥାଇଲାଣ୍ଡ କର୍ତ୍ତୃପକ୍ଷ ପେଟୋଙ୍ଗଟାଙ୍ଗ ସିନାୱାର୍ତ୍ତାଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିବେ । ବିଭିନ୍ନ କ୍ଷେତ୍ରରେ ଅଗ୍ରଗତିର ନୂତନ ମାର୍ଗ ଉନ୍ମୋଚନ ନେଇ ମଧ୍ୟ ଦୁଇନେତାଙ୍କ ମଧ୍ୟରେ ମତ ବିନିମୟ ହେବାର କାର୍ଯ୍ୟସୂଚୀ ରହିଛି । ଏହି ଅବସରରେ କେତେକ ବୁଝାମଣାପତ୍ର ମଧ୍ୟ ସ୍ୱାକ୍ଷରିତ ହେବ ।

ଷଷ୍ଠ ବିମ୍‌ଷ୍ଟେକ ଶିଖର ସମ୍ମିଳନୀରେ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ଯୋଗଦେବେ । ଚଳିତଥରର ବିଷୟବସ୍ତୁ ରହିଛି 'ବିମ୍‌ଷ୍ଟେକ୍-ସମୃଦ୍ଧ, ସହନଶୀଳ ଏବଂ ଉନ୍ମୁକ୍ତ' । ଏହି ଶିଖର ସମ୍ମିଳନୀରେ ବ୍ୟାଙ୍କକ ଭିଜନ ୨୦୩୦ ଉପରେ ଆଲୋଚନା କରାଯିବା ସହିତ ଗ୍ରହଣ କରାଯିବାର ଆଶା

କରାଯାଇଛି । ଏହି ଅବସରରେ ବିମ୍‌ଷ୍ଟେକ୍ ଗୋଷ୍ଠୀ ରାଷ୍ଟ୍ର ଗୁଡ଼ିକର ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ପ୍ରସ୍ତୁତ ରିପୋର୍ଟଗୁଡ଼ିକ ଉପରେ ମଧ୍ୟ ମତ ବିନିମୟ ହେବ । ଥାଇଲାଣ୍ଡ ରାଜା ରାମା ଦଶମ ଏବଂ ରାଣୀଙ୍କ ସହ ସାକ୍ଷାତ୍ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଦୁଇଦେଶ ମଧ୍ୟରେ ସଭ୍ୟତା, ସଂସ୍କୃତି ଏବଂ ଧାର୍ମିକ ଭାବନା ନେଇ ସୁଦୃଢ଼ ସମ୍ପର୍କ ରହିଛି । ଥାଇଲାଣ୍ଡ ହେଉଛି ଭାରତର ସାମୁଦ୍ରିକ ପଡୋଶୀ ଏବଂ ଆକ୍ଟ-ଇଷ୍ଟ ନୀତି ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସହଯୋଗୀ । ଆସିଆନ ଅଞ୍ଚଳରେ ସିଙ୍ଗାପୁର, ଇଣ୍ଡୋନେସିଆ ଓ ମାଲେସିଆ ପରେ ଥାଇଲାଣ୍ଡ ହେଉଛି ତୃତୀୟ ବୃହତ୍ତମ ଅର୍ଥନୈତିକ ରାଷ୍ଟ୍ର ଏବଂ ଭାରତର ଚତୁର୍ଥ ବୃହତ୍ତମ ବାଣିଜ୍ୟ ସହଯୋଗୀ । ଏହି ଶିଖର ସମ୍ମିଳନୀ ଅବସରରେ ବିଭିନ୍ନ କ୍ଷେତ୍ରରେ କେତେକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର ସମ୍ଭାବନା ରହିଛି ।

ବିମ୍‌ଷ୍ଟେକ୍ ଶିଖର ସମ୍ମିଳନୀ ପରେ ପ୍ରଧାନମନ୍ତ୍ରୀ ଆସନ୍ତାକାଲି ତିନିଦିନିଆ ଶ୍ରୀଲଙ୍କା ଗସ୍ତରେ ଯିବେ । ରାଷ୍ଟ୍ରପତି ଅନୁରା କୁମାର ଦିଶାନାୟକଙ୍କ ନିମନ୍ତ୍ରଣ କ୍ରମେ ପ୍ରଧାନମନ୍ତ୍ରୀ ଶ୍ରୀଲଙ୍କା ଗସ୍ତରେ ଯାଉଛନ୍ତି । ସୂଚନାଯୋଗ୍ୟ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀ ଦିଶାନାୟକ ପ୍ରଥମ ବିଦେଶଗସ୍ତରେ ଆସି ଭାରତରେ ପହଞ୍ଚିଥିଲେ । ଶ୍ରୀ ମୋଦୀଙ୍କ ପ୍ରଧାନମନ୍ତ୍ରୀତ୍ୱ କାର୍ଯ୍ୟକଳା ମଧ୍ୟରେ ଏହା ହେଉଛି ଚତୁର୍ଥ ଶ୍ରୀଲଙ୍କା ଗସ୍ତ । ଦୁଇଦେଶ ମଧ୍ୟରେ ସଂସ୍କୃତି, ଇତିହାସ, ଧର୍ମ ଏବଂ ଲୋକଙ୍କ ମଧ୍ୟରେ ସୁଦୃଢ଼ ସମ୍ପର୍କ ରହିଛି । ଶ୍ରୀଲଙ୍କା ହେଉଛି ଭାରତର ପଡୋଶୀ ପ୍ରଥମ ନୀତିର ଏକ ଅବିଚ୍ଛେଦ୍ୟ ଅଙ୍ଗ ।

---

## ଆର୍‌ଏସ୍‌-ୱାକ୍‌ଫ୍‌ ବିଲ୍‌

ୱାକ୍‌ଫ୍‌ ସଂଶୋଧନ ବିଲ୍‌ ଆଜି ରାଜ୍ୟସଭାରେ ଆଗତ ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଛି । ରାଜ୍ୟସଭାର ଅତିରିକ୍ତ ତାଲିକାରେ ଏହି ବିଲ୍‌ ଆଗତ ସଂକ୍ରାନ୍ତ କାର୍ଯ୍ୟକ୍ରମ ରହିଛି ।  ଆଜି ସକାଳେ ରାଜ୍ୟସଭାର ଅଧିବେଶନ ଆରମ୍ଭ ହେବା କ୍ଷଣି ଗୃହର ଅଧ୍ୟକ୍ଷ ଜଗଦୀପ ଧନଖଡ ଏନେଇ ଘୋଷଣା କରିଥିଲେ । ଅପରାହ୍ଣରେ ଗୃହରେ ଏ ସଂକ୍ରାନ୍ତ ପ୍ରସ୍ତାବ ଆଗତ ନେଇ କାର୍ଯ୍ୟସୂଚୀ ରହିଥିବା ଅଧ୍ୟକ୍ଷ ସୂଚନା ଦେଇଥିଲେ । ସୂଚନାଯୋଗ୍ୟ ଏହି ବିଲ୍‌ ଗତକାଲି ଲୋକସଭାରେ ପାଖାପାଖି ୧୨ଘଣ୍ଟାର ଆଲୋଚନା ପରେ ଗୃହୀତ ହୋଇଛି ।

ସମାଜର ବିଭିନ୍ନ ବର୍ଗର ଲୋକ ଏହି ବିଲ୍‌ ଗୃହୀତ ହେବା ନେଇ ସକରାତ୍ମକ ମତାମତ ଦେଇଥିବା ଜଣାପଡିଛି ।

## ଏଲ୍‌ଏସ୍‌-ଆର୍‌ଏସ୍‌ : ୱାକଆଉଟ୍‌

ରାଜ୍ୟସଭାରେ ବିରୋଧୀଦଳ ନେତା ମଲ୍ଲିକାର୍ଜୁନ ଖଡଗେଙ୍କ ବିରୋଧରେ ଜମି ଜବରଦଖଲ ଅଭିଯୋଗ ସଂକ୍ରାନ୍ତ ବିଜେପି ସଦସ୍ୟ ଅନୁରାଗ ଠାକୁରଙ୍କ ମନ୍ତବ୍ୟ ପରିପ୍ରେକ୍ଷୀରେ ବିରୋଧୀ ସଦସ୍ୟମାନେ ଆଜି କକ୍ଷତ୍ୟାଗ କରିଛନ୍ତି । ପୂର୍ବାହ୍ନରେ ରାଜ୍ୟସଭା ବୈଠକ ଆରମ୍ଭ ହେବା ପରେ ଶ୍ରୀ ଖଡଗେ କହିଥିଲେ ତାଙ୍କ ବିରୁଦ୍ଧରେ ବିଜେପି ସଦସ୍ୟ ଏକ ଗୁରୁତର ଅଭିଯୋଗ ଆଣିଛନ୍ତି । ଏହା ତାଙ୍କ ପ୍ରତିଷ୍ଠାକୁ କ୍ଷତି ପହଞ୍ଚାଇଛି ବୋଲି ସେ କହିଛନ୍ତି । ଗତକାଲି ଲୋକସଭାରେ ଶ୍ରୀ ଠାକୁର ଦେଇଥିବା ମନ୍ତବ୍ୟ ପାଇଁ କ୍ଷମାପାର୍ଥନା କରିବାକୁ ସେ ଦାବି କରିଥିଲେ । ଅଧ୍ୟକ୍ଷ

ଜଗଦୀପ ଧନଖଡ କହିଥିଲେ ଯେକୌଣସି ପ୍ରକାର ମନ୍ତବ୍ୟ ପ୍ରଦାନ କରିବା ପାଇଁ ସଂସଦ ସଦନ ଏକ ଉପଯୁକ୍ତ ସ୍ଥାନ ବୋଲି ଗ୍ରହଣ କରାଯିବା ଉଚିତ୍ ନୁହେଁ । ଏହି ମନ୍ତବ୍ୟ ପ୍ରଦାନ ମାଧ୍ୟମରେ ଦଶନ୍ଧିଧରି ଅର୍ଜିତ ସୁନାମକୁ କେହି କ୍ଷତି ପହଞ୍ଚାଇ ପାରିବେ ନାହିଁ ବୋଲି ସେ କହିଥିଲେ । ଏନେଇ ଏକ ଉତ୍କୃଷ୍ଟ ବ୍ୟବସ୍ଥା ସମ୍ପର୍କରେ ବିଚାର କରିବାକୁ ଶ୍ରୀ ଧନଖଡ ନୈତିକତା କମିଟିର ଅଧ୍ୟକ୍ଷ ଘନଶ୍ୟାମ ତିଓ୍ୱାରୀଙ୍କୁ କହିଥିଲେ । ଗୃହର ନେତା, ବିରୋଧୀଦଳ ନେତା ଏବଂ ପ୍ରତ୍ୟେକ ସଦସ୍ୟଙ୍କର ସମାଜରେ ପ୍ରତିଷ୍ଠା ରହିଛି ବୋଲି ଶ୍ରୀ ଧନଖଡ କହିଥିଲେ । ତେବେ ଏଥିରେ ସନ୍ତୁଷ୍ଟ ନହୋଇ କଂଗ୍ରେସ, ଟିମ୍‌ସି, ଡିଏମ୍‌କେ ଏବଂ ଅନ୍ୟକେତେକ ବିରୋଧୀ ଦଳର ସଦସ୍ୟ କକ୍ଷତ୍ୟାଗ କରିଥିଲେ ।

ସେହିପରି କେରଳର କଂଗ୍ରେସ ସାଂସଦ ଏବଂ ଅନ୍ୟକିଛି ବିରୋଧୀ ସଦସ୍ୟ ମଧ୍ୟ ଆଜି ଲୋକସଭାରୁ କକ୍ଷତ୍ୟାଗ କରିଥିଲେ । ସଂଖ୍ୟାଲଘୁଙ୍କ ଉପରେ ହୋଇଥିବା ଆକ୍ରମଣ ଅଭିଯୋଗ ନେଇ ସେମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସଂସଦ ବାହାରେ ଗଣମାଧ୍ୟମ ସହ କଥାବାର୍ତ୍ତା କରି କଂଗ୍ରେସ ସଦସ୍ୟ କେ.ସି.ବେଣୁଗୋପାଳ କହିଥିଲେ ଜବଲପୁରରେ ଏଭଳି ଏକ ଦୁର୍ଭାଗ୍ୟଜନକ ଘଟଣା ଘଟିଥିବା ଜଣାପଡିଛି । ଏହି ଘଟଣା ପରିପ୍ରେକ୍ଷୀରେ ସେ ବିଜେପି ବିରୋଧରେଅଭିଯୋଗ ଆଣିଥିଲେ ।

---

## ଏଫ୍‌ଏମ୍-ପିପିଏଫ୍ ଗେଜେଟ୍

ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ-ପିପିଏଫ୍ ଆକାଉଣ୍ଟ ପାଇଁ ନୋମିନି ସଂଶୋଧନ କରିବାକୁ ଏଣିକି କୌଣସି ଦେୟ ଦେବାକୁ ପଡିବ ନାହିଁ । ସରକାରୀ ସଂଚୟ ପ୍ରୋତ୍ସାହନ ସାଧାରଣ ନିୟମ ୨୦୧୮ରେ ଏନେଇ ଆବଶ୍ୟକ ସଂଶୋଧନ କରାଯାଇଛି । ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏ ସଂକ୍ରାନ୍ତ ବିଜ୍ଞପ୍ତି

ଜାରି ହୋଇଛି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏହି ସୂଚନା ପ୍ରଦାନ କରି କହିଛନ୍ତି ସଂଶୋଧିତ ୨୦୧୮ ନିୟମ ସଂକ୍ରାନ୍ତ ବିଜ୍ଞପ୍ତି ଗତକାଲି ପ୍ରକାଶ ପାଇଛି । ଏହି ସଂଶୋଧନ ଗତକାଲିଠାରୁ ଲାଗୁ ହୋଇଛି । ସୂଚନାଯୋଗ୍ୟ ପିପିଏଫ୍ ଆକାଉଣ୍ଟ ପାଇଁ ନୋମିନିଙ୍କ ନାମ ପରିବର୍ତ୍ତନ ନିମନ୍ତେ ପୂର୍ବରୁ ୫୦ ଟଙ୍କା ଶୁଳ୍କ ଆଦାୟ କରାଯାଉଥିଲା ।

## ଇସ୍ରାଏଲ-ଗାଜା

ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିଛନ୍ତି ଇସ୍ରାଏଲର ପ୍ରତିରକ୍ଷାବାହିନୀ ଆଇ.ଡି.ଏଫ୍ ଗାଜା ଉପତ୍ୟକାରେ ଅଭିଯାନକୁ ଜୋର୍‌ଦାର କରିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ନେତାନ୍ୟାହୁ କହିଛନ୍ତି ଗାଜାର ବିଭିନ୍ନ ଅଞ୍ଚଳକୁ ନିଜ ଦଖଲକୁ ନେବା ସହ ଆତଙ୍କବାଦୀଙ୍କ ଉପରେ ଆକ୍ରମଣ ତ୍ୱରାନ୍ୱିତ ହୋଇଛି । ସେମାନଙ୍କର ଭିତ୍ତିଭୂମି ନଷ୍ଟ କରିବା ନେଇ ସେନାପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି ସେ ସୂଚନା ଦେଇଛନ୍ତି । ସେ କହିଛନ୍ତି ପଣବନ୍ଦୀଙ୍କୁ ଫେରାଇ ନ ଆଣିବା ପର୍ଯ୍ୟନ୍ତ ଇସ୍ରାଏଲ ପକ୍ଷରୁ ଏଭଳି କାର୍ଯ୍ୟାନୁଷ୍ଠାନ ଜାରି ରହିବ ।

## ଛତିଶଗଡ-ମାଓବାଦୀ

ଛତିଶଗଡ ସରକାର ମାଓବାଦୀଙ୍କ ସହ ସମସ୍ତ ପ୍ରକାର ଅର୍ଥପୂର୍ଣ୍ଣ ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ତଥା ଗୃହମନ୍ତ୍ରୀ ବିଜୟ ଶର୍ମା କହିଛନ୍ତି । ରାୟପୁରଠାରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ କଥାବାର୍ତ୍ତା ବେଳେ ମନ୍ତ୍ରୀ ଶ୍ରୀ ଶର୍ମା କହିଛନ୍ତି ଏହି ଆଲୋଚନା ପାଇଁ ମାଓବାଦୀଙ୍କ ପକ୍ଷରୁ କୌଣସି ସର୍ତ୍ତକୁ ଗ୍ରହଣ କରାଯିବ ନାହିଁ । ଯଦି

ସେମାନେ ମୁଖ୍ୟସ୍ରୋତକୁ ଫେରିବାକୁ ଚାହୁଁଛନ୍ତି ତେବେ ସେଥିପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ । ଏନେଇ ସରକାରଙ୍କର ଆଭିମୁଖ୍ୟ ସ୍ପଷ୍ଟ ରହିଛି ଏବଂ ଆଲୋଚନା ପାଇଁ ସବୁବେଳେ ଦ୍ୱାର ଉନ୍ମୁକ୍ତ ରହିଛି ବୋଲି ସେ ସ୍ପଷ୍ଟ କରିଛନ୍ତି । ହିଂସା ଏବଂ ରକ୍ତପାତ ବିରୋଧରେ ସରକାରଙ୍କ ଆଭିମୁଖ୍ୟ ନେଇ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ମଧ୍ୟ ସେ କହିଛନ୍ତି । ମାଓବାଦୀମାନେ ଅସ୍ତ୍ରଶସ୍ତ୍ର ପରିତ୍ୟାଗ କରି ଆତ୍ମ ସମର୍ପଣ କଲେ ହିଁ ସମସ୍ୟାର ଅର୍ଥପୂର୍ଣ୍ଣ ସମାଧାନ ସମ୍ଭବ ହୋଇପାରିବ ବୋଲି ସେ କହିଛନ୍ତି । ସୂଚନାଯୋଗ୍ୟ ସଶସ୍ତ୍ର ସଂଘର୍ଷ ବନ୍ଦ କରିବାକୁ ମାଓବାଦୀଙ୍କ ପକ୍ଷରୁ ପ୍ରସ୍ତାବ ଦିଆଯିବା ସହ ଶାନ୍ତି ଆଲୋଚନା ପାଇଁ ଇଚ୍ଛାପ୍ରକାଶ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ସିପିଆଇ ମାଓବାଦୀ କେନ୍ଦ୍ରୀୟ କମିଟି' ତେଲୁଗୁ ଭାଷାରେ ଏକ ଚିଠି ପ୍ରଦାନ କରି ଅପରେସନ କାଗରକୁ ବନ୍ଦ କରିବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛି ।

---

# ଆଇପିଏଲ୍

ଆଇପିଏଲ୍ ଟି-୨୦ କ୍ରିକେଟରେ ଆଜି ସଂଧ୍ୟାରେ କୋଲକାତାର ଇଡେନ ଗାର୍ଡେନ୍‌ରେ କୋଲକାତା ନାଇଟ୍ ରାଇଡର୍ସ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦର ମୁକାବିଲା ହେବ ।

ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଗୁଜୁରାଟ ଟାଇଟନ୍ସ ୮ ଓ୍ୱିକେଟରେ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁକୁ ପରାସ୍ତ କରିଥିଲା ।

---